# କୃଷି ପରାମର୍ଶ ଓ ସୂଚନା

ଓଡିଶା ରାଜ୍ୟ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଉପରେ ଅନେକ ନିର୍ଭରଶୀଳ ସେଥିପାଇଁ  କୃଷି ପରାମର୍ଶ ଓ ସୂଚନା ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ। ରାଜ୍ୟର ଭୌଗଳିକ ସ୍ଥିତି ପାଇଁ ମରୁଡ଼ି, ବନ୍ୟା, ବାତ୍ୟା, ବୈଶାଖୀ ଝଡ, ଅଦିନିଆ ବର୍ଷା ଇତ୍ୟାଦି ଜଳବାୟୁ ପରିବର୍ତ୍ତନ ଘଟଣା ରାଜ୍ୟକୁ ବିଶେଷ ପ୍ରଭାବିତ କରୁଛି।  ଏହିପରିପ୍ରେକ୍ଷୀରେ କୃଷି ପରାମର୍ଶ କୃଷି କାର୍ଯ୍ୟରେ ସହାୟକ ହୋଇ କୃଷି ଜାତ ପଦାର୍ଥର ସୁରକ୍ଷା କରିଥାଏ ଯାହାକି ଖାଦ୍ୟ ସୁରକ୍ଷା ଓ କୃଷକ ଜୀବିକାକୁ ସୁଦୃଢ଼ କରେ ।

## ସାଧାରଣ ପରାମର୍ଶ

- ପ୍ରାକ ମୌସୁମୀ ଋତୁରେ ହେଉଥିବା କାଳ ବୈଶାଖୀ ଝଡ଼ ଓ ବର୍ଷା ବିଷୟରେ ନିୟମିତ ଭାବରେ ଦିଆଯାଉଥିବା ପାଣିପାଗ ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ ଓ ସେହି ଅନୁସାରେ କ୍ଷେତ୍ର ଫସଲ ଓ ଉଦ୍ୟାନ ଫସଲର ପରିଚାଳନା କରନ୍ତୁ।
- ବର୍ଷା ପରେ ମାଟିରେ ହଳ ପାଗ ଦେଖି ଖରାଟିଆ ଚାଷ କରନ୍ତୁ।
- ରୁଆ ଧାନ ଫସଲରେ ଅମଳ ବୃଦ୍ଧି ଓ ମୃତ୍ତିକାର ଉର୍ବରତା ପାଇଁ ରୋଇବାର ୪୫-୫୦ ଦିନ ପୂର୍ବରୁ ସବୁଜ ସାର ହିସାବରେ ଧଣିଚା ମଞ୍ଜି ବୁଣନ୍ତୁ।
- ବାୟୁମଣ୍ଡଳର ଅତ୍ୟଧିକ ତାପମାତ୍ରା ହେତୁ ପନିପରିବା ଚାରା ରୋପଣ କାର୍ଯ୍ୟ ଉପରବେଳା ସମୟରେ କରନ୍ତୁ।
- ମାଛ ପୋଖରୀକୁ ଶୁଖାଇ ପୋଖରୀ ଶଯ୍ୟାକୁ ହଳ କରି ଚୂନ ପ୍ରୟୋଗ କରନ୍ତୁ। ସବୁଜ ସାର ହିସାବରେ ଧଣିଚା ମଞ୍ଜି ବୁଣନ୍ତୁ।
- ମୌସୁମୀ ବୃଷ୍ଟିପାତ ପୂର୍ବରୁ ଓଲୁଅ, ଖମ୍ବଆଳୁ, କନ୍ଦ, ହଳଦୀ ଇତ୍ୟାଦି ଫସଲ ଲଗାନ୍ତୁ, ଏହା ଉପଯୁକ୍ତ ସମୟ ଅଟେ ।
- ବର୍ଷା ହେବାର ପୂର୍ବାନୁମାନ ସୂଚନା ଥିଲେ ରୋଗ ପୋକ ନିୟନ୍ତ୍ରଣ ପାଇଁ ଜୀବନାଶକ ପ୍ରୟୋଗ କରନ୍ତୁ ନାହିଁ।
- ରାସାୟନିକ ପଦାର୍ଥ ସିଞ୍ଚନ ବେଳେ ମୁହଁ ସହ ଶରୀରକୁ ସୁରକ୍ଷା କପଡ଼ାରେ ଢାଙ୍କି ସୁରକ୍ଷିତ ରୁହନ୍ତୁ।
- ଖାଦ୍ୟସାରର ଦକ୍ଷତା ଓ ଖର୍ଚ୍ଚ କମ୍ କରିବା ପାଇଁ ମାଟି ପରୀକ୍ଷା ଆଧାରିତ ଅନୁମୋଦିତ ମାତ୍ରାର ସାର ପ୍ରୟୋଗ କରନ୍ତୁ।

## ଧାନ

- ଅଧିକ ଅମଳ ଓ ଲାଭ ପାଇଁ ଯାନ୍ତ୍ରିକ ପ୍ରଣାଳୀ ବୁଣାଧାନ ଚାଷ ଅବଲମ୍ବନ କରନ୍ତୁ। ଏଥିପାଇଁ ମେ ମାସ ଶେଷ ସପ୍ତାହରୁ ଆରମ୍ଭ କରି ମୌସୁମୀ ବର୍ଷା ପର୍ଯ୍ୟନ୍ତ ବିହନ ଓ ସାର ବୁଣା ଯନ୍ତ୍ର ବ୍ୟବହାର କରି ବିହନ ବୁଣନ୍ତୁ।
- ରୁଆ ଧାନ ଚାଷରେ ଠିକ ସମୟରେ ତଳି ପ୍ରସ୍ତୁତି ଓ ରୋପଣ କଲେ ଅଧିକ ଅମଳ ମିଳିଥାଏ। ଉନ୍ନତମାନର ପ୍ରାମାଣିକ ବିହନ ବ୍ୟବହାର କରି ତଳି ପ୍ରସ୍ତୁତ କରନ୍ତୁ। ମଧ୍ୟମରୁ ଅଗଭୀର ଖାଲ କିସମ ଜମି ପାଇଁ ଅଧିକ ଅମଳକ୍ଷମ କିସମ ଗୁଡ଼ିକ ହେଲା – ହସନ୍ତ, ସି.ଆର. ୧୦୦୯ ସବ୍-୧, ଏମ.ଟି.ୟୁ-୧୦୭୫, ସି.ଆର ଧାନ ୩୧୦, ସି.ଆର ଧାନ ୮୦୧, ସି.ଆର ଧାନ ୪୦୪, ଉପହାର, ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ୍-୧, ବି.ପି.ଟି-୫୨୦୪, ପୂଜା ଇତ୍ୟାଦି। ଲୁଣା ଅଞ୍ଚଳ ପାଇଁ ଉପଯୁକ୍ତ କିସମ ହେଲା, ସି.ଆର ଧାନ ୪୦୫, ସି.ଆର ଧାନ ୪୦୩, ସି.ଆର ଧାନ ୪୧୨ ଓ ସି.ଆର ଧାନ ୪୦୬।  ଡ଼ିପ ଜମି ପାଇଁ ଉପଯୁକ୍ତ କିସମ ଭିତରେ ନବାନ୍ନ, ସହଭାଗୀ ଧାନ, ସି.ଆର ଧାନ ୧୦୨, ସି.ଆର ଧାନ ୧୦୧, ବନ୍ଦନା, ସି.ଆର ଧାନ ୨୦୨ ଓ ଖଣ୍ଡଗିରି ଅନ୍ୟତମ।
- ଅନାବନା ଘାସ ନିୟନ୍ତ୍ରଣ କରିବାକୁ ତୃଣନାଶକ ବ୍ୟବହାର କରନ୍ତୁ। ଘାସ ଉଠିବା ପୂର୍ବରୁ ଅର୍ଥାତ ବୁଣିବାର କିମ୍ବା ରୋଇବାର ୩ ଦିନ ଭିତରେ ଘାସମରା ଯଥା ସେଫନର ଯୁକ୍ତ ପ୍ରେଟିଲାକ୍ଲୋର ୩୦.୭%@୧୫୦୦ମି.ଲି କିମ୍ବା

ପାଇରାଜୋସଲଫ୍ୟୁରନ ୮୦%@୨୦୦ଗ୍ରାମ/ହେକ୍ଟର କିମ୍ବା ପ୍ରେଟିଲାକ୍ଲୋର ୬%+ବେନସଲଫ୍ୟୁରନ ମିଥାଇଲ୍ ୦.୬% ଜି.ଆର @୧୦ କି.ଗ୍ରା ହେକ୍ଟର ଜମିରେ ପ୍ରୟୋଗ କରାଯାଇ ପାରିବ। ଏହା ସହ ଘାସ ଉଠିବାର ୧୫-୨୦ ଦିନ ପରେ ଅଥବା ଘାସର ୨-୪ ପତ୍ର ଅବସ୍ଥାରେ କେତେକ ଘାସମରା ଯଥା, ଫେନୋକ୍ସାପ୍ରପ ଇଥାଇଲ @୧୩୦୦ ମି.ଲି + ଏଥୋକ୍ସିସରଫ୍ୟୁରନ୍ @୧୦୦ ମି.ଲି/ହେକ୍ଟର କିମ୍ବା ବିସପାଇରିବାକ୍ ସୋଡ଼ିୟମ୍ @୨୫୦ ଗ୍ରାମ/ହେକ୍ଟର କିମ୍ବା ଟ୍ରାୟାଫେମନ୍ + ଏଥୋକ୍ସିସରଫ୍ୟୁରନ୍ @୯୦ ଗ୍ରାମ/ହେକ୍ଟର କିମ୍ବା ସାଇହାଲୋଫପ ବ୍ୟୁଟାଇଲ୍ + ପେନୋକ୍ସୁଲାମ @୨୨୫୦ ମି.ଲି/ହେକ୍ଟର ପତ୍ର ସିଞ୍ଚନ କଲେ ଅନେକ ଘାସ ନିୟନ୍ତ୍ରଣ ହୋଇପାରିବ।

- ରୁଆ ଧାନରେ ଶୈବାଳ ଏକ ପ୍ରମୁଖ ସମସ୍ୟା । ଏହାର ନିୟନ୍ତ୍ରଣ ପାଇଁ କପର ଅକ୍ସିକ୍ଲୋରାଇଡ୍ ଲିଟର ପାଣିରେ ୩ ଗ୍ରାମ ମିଶାଇ ସିଞ୍ଚନ କରନ୍ତୁ କିମ୍ବା କପର ସଲଫେଟ ୧୦ କି.ଗ୍ରା/ହେକ୍ଟର ମାଟିରେ ପ୍ରୟୋଗ କରନ୍ତୁ।
- ହଳଦିଆ କାଣ୍ଡବିନ୍ଧା ଓ ପତ୍ରପୋଡ଼ା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ ପାଇଁ ହେକ୍ଟର ପ୍ରତି ୫ ଗୋଟି ସଂଘ ଆକର୍ଷକ ଯନ୍ତା ଓ ନିୟନ୍ତ୍ରଣ ପାଇଁ ଟ୍ରାଇକୋ କାର୍ଡ଼ ପ୍ରତି ଥରରେ ୫୦,୦୦୦ ଅଣ୍ଡା ହିସାବରେ ୪ ଥର ଛାଡ଼ନ୍ତୁ।

**ଡ଼ାଲିଜାତୀୟ ଫସଲ**

- ଉପଯୁକ୍ତ ମୁଗ କିସମ ଯଥା ବିରାଟ, ସିଖା, ଆଇ.ପି.ଏମ ୨-୧୪, ବିରି କିସମ - ଆଇ.ପି.ୟୁ ୨-୪୩, ପି.ୟୁ-୯ ଓ ଶଶୀ, ହରଡ଼ କିସମ-ଏଲ.ଆର.ଜି ୫୨ ଓ ବି.ଆର.ଜି ୨ ବ୍ୟବହାର କରନ୍ତୁ ।
- ମୁଗ ଓ ବିରି ଫସଲରେ ସାହେବୀ ରୋଗର ପ୍ରାଦୁର୍ଭାବ ଅଧିକ ପରିଲକ୍ଷିତ ହେଉଥିବା ଅଞ୍ଚଳରେ କୀଟନାଶକ ଥାଇମେଥୋକ୍ସାମ ୩୦ ଏଫ.ଏସ କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୬୦୦ ଏଫ.ଏସ ପ୍ରତି ଏକ କି.ଗ୍ରା ମଞ୍ଜିରେ ୫ ମି.ଲି ମିଶାଇ ଉପଚାର କରନ୍ତୁ। ଏହା ସହିତ ବିହନ ବୁଣିବାର ୩୦ ଦିନ ପରେ ୫୦ ଗୋଟି ହଳଦିଆ ଅଠାଳିଆ ଯନ୍ତା ହେକ୍ଟର ଜମିରେ ବସାନ୍ତୁ। ଆବଶ୍ୟକ ହେଲେ ନିମ୍ବ ତେଲ ୧୫୦୦ ପି.ପି.ଏମ @୧୫୦୦ ମି.ଲି ଓ ଫ୍ଲୋନିକାମାଇଡ଼ ୧୨୦ ଗ୍ରାମ ହେକ୍ଟର ଜମିରେ ଅଦଳ ବଦଳ କରି ସିଞ୍ଚନ କରନ୍ତୁ।
- ଡ଼ାଲି ଜାତୀୟ ଫସଲର ବିହନକୁ ଜୀବାଣୁ ସାର ସହ ଉପଚାର କରନ୍ତୁ। ଏଥିପାଇଁ ପ୍ରତି ୧୦ କି.ଗ୍ରା ବିହନକୁ ୨୫ ଗ୍ରାମ ରାଇଜୋବିୟମ ଓ ୨୫ ଗ୍ରାମ ପି.ଏସ.ବି ଜୀବାଣୁ ସାରକୁ ଗୁଡ଼ ଓ ପାଣି ଘୋଳରେ ମିଶାଇ ଉପଚାର କରନ୍ତୁ। ରାଇଜୋବିୟମର ବିବନ୍ଧନ କ୍ଷମତା ବୃଦ୍ଧି କରିବା ପାଇଁ ଏଥିରେ ୩ ଗ୍ରାମ ଆମୋନିୟମ୍ ମଲିବଡ଼େଟ୍ ମିଶାଇବା ଆବଶ୍ୟକ।
- ଘାସ ନିୟନ୍ତ୍ରଣ ପାଇଁ ତୃଣନାଶକ ପେଣ୍ଡିମେଥାଲିନ୍ ୩୦% ମଞ୍ଜି ବୁଣିବାର ୩ ଦିନ ଭିତରେ ହେକ୍ଟର ପ୍ରତି ୩୩୦୦ ମି.ଲି. କିମ୍ବା କ୍ୱିଜାଲୋଫପ୍ ଇଥାଇଲ୍ ୫% ହେକ୍ଟର ପ୍ରତି ୧୦୦୦ ମି.ଲି ଘାସର ୨-୪ ପତ୍ର ଅବସ୍ଥାରେ ପ୍ରୟୋଗ କରନ୍ତୁ।

**ଚିନାବାଦାମ**

- କାଦିରି, ଲେପାକ୍ଷୀ, ଧରଣୀ, ସ୍ମୃତି, କଳିଙ୍ଗ ଚିନାବାଦାମ-୧ ଭଳି ଉପଯୁକ୍ତ କିସମ ବ୍ୟବହାର କରନ୍ତୁ ।
- ଉତ୍ପାଦନ ବୃଦ୍ଧି ପାଇଁ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା ଫସଫେଟ, ୪୦ କି.ଗ୍ରା ପଟାସ ସାର ପ୍ରୟୋଗ ସହ କୋଡ଼ା ଖୁସା ସମୟରେ ୨୫୦ କି.ଗ୍ରା ଜିପସମ ପ୍ରୟୋଗ କରନ୍ତୁ।
- ଧୂଆଁ ପତ୍ର ଗୋଟି ପୋକ ନିୟନ୍ତ୍ରଣ ପାଇଁ ଇଣ୍ଡୋକ୍ସାକାର୍ବ + ନୁଭାଲ୍ୟୁରନ ୬୨୫ ଗ୍ରାମ କିମ୍ବା କ୍ଲୋରୋପାଇରିଫସ ୫୦% + ସାଇପରମେଥ୍ରୀନ ୫% ଇ.ସି ୧୦୦୦ ମି.ଲି କିମ୍ବା ଫିପ୍ରୋନିଲ ୫ ଏସ୍.ସି ୧୦୦୦ ମି.ଲି ହେକ୍ଟର ଜମିରେ ପତ୍ର ସିଞ୍ଚନ କରନ୍ତୁ।

- ଗଛ ହଳଦିଆ ପଡ଼ିବା ତଥା ପତ୍ର ଶୁଖିବା ଭଳି ଲକ୍ଷଣ ଦେଖି ଫସଲ ଅମଳ କରିବା ଆବଶ୍ୟକ। ଅମଳର ୨-୩ ଦିନ ଆଗରୁ ହାଲୁକା ପାଣି ମଡ଼ାଇଲେ ଅମଳ ସହଜରେ ହୋଇଥାଏ । ଅମଳ ପରେ ଚିନାବାଦାମକୁ ଭଲ ଭାବରେ ଖରାରେ ଶୁଖାଇ ଜଳୀୟ ଅଂଶ ୮-୯% ରଖି ସାଇତି ରଖନ୍ତୁ।

**ଆଖୁ**

- ସବିତା, ନୀଳମାଧବ ଏବଂ ଚର୍ଚ୍ଚିକା ଭଳି ଅଧିକ ଅମଳକ୍ଷମ ଆଖୁ କିସମ ଚାଷ କରନ୍ତୁ।
- ମଧ୍ୟମ ଏବଂ ବିଳମ୍ବ ଅବଧି କିସମଗୁଡ଼ିକ ୪-୫ ମାସ ହେଲେ ଗଛକୁ ମିଶାଇ ଭେଳା ବାନ୍ଧନ୍ତୁ ।
- ଅଗ କାଣ୍ଡ ବିନ୍ଧା ପୋକର ଆକ୍ରମଣକୁ ହ୍ରାସ କରିବା ପାଇଁ ଲାମ୍ବଡା ସାଇହାଲୋଥ୍ରିନ୍ ୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ନାଲି ସଢ଼ା ରୋଗ ପ୍ରଭାବିତ ଅଞ୍ଚଳରେ ରାଟୁନ ପଦ୍ଧତି ଅବଲମ୍ବନ କରନ୍ତୁ ନାହିଁ । ଏହି ରୋଗର ନିୟନ୍ତ୍ରଣ ପାଇଁ ଆଖୁ ବିହନକୁ ଆଜୋକ୍ସିଷ୍ଟ୍ରବିନ ୧୮.୨% + ଡାଇଫେନକୋନାଜୋଲ ୧୧.୪% ର ୦.୧% ଦ୍ରବଣରେ ଉପଚାର କରି ଲଗାନ୍ତୁ ।

**ପନିପରିବା ଫସଲ**

- ହୁଡ଼ା ଓ ନାଳ ପଦ୍ଧତି ଅବଲମ୍ବନ କରି ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କଲେ ଅଧିକ ବର୍ଷା ଜନିତ କ୍ଷୟକ୍ଷତି ରୁ ଫସଲକୁ ରକ୍ଷା କରାଯାଇପାରିବ ।
- ଅଧିକ ଅମଳ ତଥା ଉତ୍ତମ ମାନର ଫଳ ଉତ୍ପାଦନ ପାଇଁ ପୋଟଳ, ଜହ୍ନି, କଲରା ଆଦି ପନିପରିବା ଫସଲ ରଞ୍ଜା ପ୍ରଣାଳୀରେ ଚାଷ କରନ୍ତୁ।
- କୋକୋପିଟ୍ ଏବଂ ଜିଆଖତ ବ୍ୟବହାର କରି ପ୍ରୋ ଟ୍ରେରେ ଉନ୍ନତ ମାନର ପନିପରିବା ଚାରା ଉତ୍ପାଦନ କରାଯାଇ ପାରିବ। ନର୍ସରୀ କିମ୍ବା ପ୍ରୋଟ୍ରେରେ ବୁଣିବା ପୂର୍ବରୁ ପ୍ରତି ୧୦୦ ଗ୍ରାମ ବିହନକୁ ୨ ଗ୍ରାମ ଟ୍ରାଇକୋଡର୍ମା ଭିରିଡ଼େ କିମ୍ବା ୧ ଗ୍ରାମ କାର୍ବେଣ୍ଡାଜିମ୍ ସହିତ ବିହନ ବିଶୋଧନ କଲେ ଫସଲକୁ କବକ ଜନିତ ରୋଗରୁ ରକ୍ଷା କରାଯାଇ ପାରିବ।
- ବାଇଗଣ ଫସଲରେ ଫଳ ଏବଂ କାଣ୍ଡ ବିନ୍ଧା ପୋକର ପରିଚାଳନା ପାଇଁ, ହେକ୍ଟର ପ୍ରତି ୧୮୦ ମିଲି କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି, ୨୦୦ ଗ୍ରାମ ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ ଏସ୍.ଜି କିମ୍ବା ୧୬୫ ମି.ଲି ଫେନପ୍ରୋପାଥ୍ରିନ୍ ୩୦% ଇ.ସି କିମ୍ବା ୧୭୫ ମି.ଲି ସ୍ପିନୋସାଡ୍ ୪୫% ଏସ୍.ସି ଅଦଳ ବଦଳ କରି ସିଞ୍ଚନ କରନ୍ତୁ। ଉତ୍ତମ ନିୟନ୍ତ୍ରଣ ପାଇଁ ଚାରା ମୂଳକୁ ରାଇନାକ୍ସପିର ୦.୫ ମି.ଲି ଲିଟର ପାଣିରେ ତିନି ଘଣ୍ଟା ପାଇଁ ବୁଡ଼ାଇ ରଖିବା ଉଚିତ୍।
- କଖାରୁ ଜାତୀୟ ଫସଲରେ ଫଳ ମାଛି ବହୁତ କ୍ଷତି କରିଥାଏ । ଏହାର ନିୟନ୍ତ୍ରଣ ପାଇଁ ୧ କିଲୋଗ୍ରାମ କାକୁଡି ଫଳ ରସ + ୫୦ ଗ୍ରାମ ଗୁଡ଼ + ୧୦୦ ମି.ଲି ଗୋମୁତ୍ର + ୦.୫ ଲିଟର ପାଣିର ମିଶ୍ରଣ ଦ୍ୱାରା ପ୍ରସ୍ତୁତ ବିଷ ଥୋପକୁ ୫ ଲିଟର ପାଣିରେ ଗୋଳାଇ ୧୦ ମି.ଲି ମାଲାଥିଅନ୍ ସହିତ ମିଶାଇ ଏହି ଦ୍ରବଣକୁ ବିଷ ଥୋପ ଭାବେ ବ୍ୟବହାର କରାଯାଇପାରିବ। ଏହା ସହ ହେକ୍ଟର ପ୍ରତି ୨୦ ଟି ସଂଘ ଆକର୍ଷକ ଯନ୍ତା ବସାନ୍ତୁ।
- ଅନେକ ପନିପରିବା ଫସଲରେ ଶୋଷକ କୀଟର ପ୍ରାଦୁର୍ଭାବ ଦେଖାଯାଏ। ଏହାର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୮୦ ଗ୍ରାମ ଥାୟୋମେଥୋକ୍ସାମ୍ ୨୫% ଡ଼ବ୍ଲୁ.ଜି କିମ୍ବା ୧୨୫ ମି.ଲି ଏସିଟାମିପ୍ରିଡ୍ ୨୦ ଏସ୍.ପି ସିଞ୍ଚନ କରାଯାଇ ପାରିବ ।
- ବର୍ଷା ଋତୁରେ, ବାଇଗଣ ଜାତୀୟ ଫସଲରେ ଝାଉଁଳା ରୋଗ ଦେଖାଯାଏ ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ସହ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍ ଦ୍ରବଣ ପତ୍ର ସିଞ୍ଚନ ସହିତ ଗଛ ମୂଳରେ ମଧ୍

ପ୍ରୟୋଗ କରିବାକୁ ହୁଏ ।

**ହଳଦୀ**

- ଉପଯୁକ୍ତ କିସମଗୁଡ଼ିକ ହେଉଛି ରୋମା, ରଶ୍ମି, ଲାକାଡୋଙ୍ଗ୍, ରାଜେନ୍ଦ୍ର ସୋନିଆ
- ଫସଲକୁ କବକ ଜନିତ ରୋଗରୁ ରକ୍ଷା କରିବା ପାଇଁ ଟ୍ରାଇକୋଡର୍ମା ଭିରିଡେ ୧୦ ଗ୍ରାମ ପ୍ରତି କିଲୋଗ୍ରାମ ବିହନ ସହିତ ମିଶାଇ ଉପଚାର କରନ୍ତୁ।
- ଉତ୍ପାଦନ ବୃଦ୍ଧି ପାଇଁ ହଳଦୀ ଲଗାଇବା ସମୟରେ ସଢା ଗୋବର ଖତ ସହିତ ବାୟୋ-କନସୋର୍ଟିଆ (ଆଜୋଟୋବ୍ୟାକ୍ଟର, ଆଜୋସ୍ପିରିଲମ୍ ଏବଂ ପିଏସବି ହେକ୍ଟର ପିଛା ପ୍ରତ୍ୟେକ ୪ କି.ଗ୍ରା) ପ୍ରୟୋଗ କରନ୍ତୁ।

**ଅଦା**

- ଉପଯୁକ୍ତ ଅଦା କିସମ ଗୁଡ଼ିକ ହେଲା - ସୁପ୍ରଭା, ସୁରୁଚି ଏବଂ ସୁରଭି । ହେକ୍ଟର ପିଛା ୧୮୦୦-୨୦୦୦ କିଲୋଗ୍ରାମ ବିହନ ବ୍ୟବହାର କରନ୍ତୁ।
- ଏହି ଚାଷ ପାଇଁ ଢିପ ଜମି ସହ ଦୋରସା ମାଟି ଉପଯୁକ୍ତ। ୧ ମିଟର ପ୍ରସ୍ଥ, ୧୫ ସେ.ମି ଉଚ୍ଚତା ଏବଂ ସୁବିଧାଜନକ ଲମ୍ବ ଆକାର ବିଶିଷ୍ଟ ଉଚ୍ଚ ପଟାଳି ତିଆରି ସହିତ ଅତିରିକ୍ତ ବର୍ଷା ଜଳ ନିଷ୍କାସନ ପାଇଁ ନାଳ ତିଆରି କରନ୍ତୁ ।
- ବୁଣିବା ପୂର୍ବରୁ ବିହନକୁ ୧ ଗ୍ରାମ କାର୍ବେଣ୍ଡାଜିମ୍, ୩ ଗ୍ରାମ ମାଙ୍କୋଜେବ୍ ଏବଂ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍ ଘୋଳରେ ଅଧ ଘଣ୍ଟା ପାଇଁ ବୁଡ଼ାଇ ଛାଇରେ ଶୁଖାଇ ଦିଅନ୍ତୁ।

**ଫଳ ଫସଲ**

- ଜୁନ୍ ମାସରେ ବର୍ଷା ହେବା ସହିତ କଦଳୀ ଫସଲ ଲଗାଯିବା ଉଚିତ। ଅଧିକ ଉତ୍ପାଦନ ପାଇଁ ଅଧିକ ଘନତାରେ ଟିସୁ କଲଚର ଚାରା ରୋପଣ କରନ୍ତୁ।
- ଫଳନ୍ତି ନଡ଼ିଆ ଗଛରେ ଗଣ୍ଡିଠାରୁ ୩ ଫୁଟ ଦୂରରେ ୩୦ ସେ.ମି ଗଭୀରର ଗୋଲାକାର ଗର୍ତ୍ତ ତିଆରି କରି ପ୍ରତି ଗଛ ପାଇଁ ୬୦ କିଲୋଗ୍ରାମ କମ୍ପୋଷ୍ଟ, ୫୦୦ ଗ୍ରାମ ୟୁରିଆ, ୧ କିଲୋଗ୍ରାମ ସୁପର ଫସଫେଟ କିମ୍ବା ୩୦୦ ଗ୍ରାମ ଡି .ଏ .ପି, ୧ କିଲୋଗ୍ରାମ ପୋଟାସ ଏବଂ ୨୦୦ ଗ୍ରାମ ବୋରାକ୍ସକୁ ଗାତରେ ପ୍ରୟୋଗ କରି ମାଟି ଘୋଡ଼ାଇ ଦିଅନ୍ତୁ।

**ମତ୍ସ୍ୟଚାଷ**

- ପୋଖରୀ ହୁଡ଼ା ଗୁଡ଼ିକର ଉଚ୍ଚତା ବୃଦ୍ଧି କରନ୍ତୁ, ଆବଶ୍ୟକ ହେଲେ କ୍ଷତିଗ୍ରସ୍ତ ହିଡ଼ ଗୁଡ଼ିକର ମରାମତି କରନ୍ତୁ ଏବଂ ଅତିରିକ୍ତ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ନାଳ ରଖନ୍ତୁ। ପୋଖରୀରୁ ମାଛ ଖସିଯିବାକୁ ରୋକିବା ପାଇଁ ନାଳର ଭିତର କିମ୍ବା ବାହାର ପଥରେ ଜାଲ ଲଗାନ୍ତୁ।
- ଜଳ ମାନ ମୁଖ୍ୟତଃ ପି.ଏଚ୍ ଏବଂ କ୍ଷାରୀୟ ଅଂଶ ପରୀକ୍ଷା କରନ୍ତୁ ଏବଂ ମତ୍ସ୍ୟ ଅଧିକାରୀ, ବୈଜ୍ଞାନିକ ଏବଂ ସମ୍ପ୍ରସାରଣ କର୍ମଚାରୀଙ୍କ ସହିତ ପରାମର୍ଶ କରି ଚୂନ ଏବଂ ସାର ପ୍ରୟୋଗ କରନ୍ତୁ।
- ଘାସ ପ୍ରଭାବିତ ପୋଖରୀରେ ଘାସ ନିୟନ୍ତ୍ରଣ ପାଇଁ ଭାକୁର, ରୋହି, ମିରିକାଳି ସହିତ କିଛି ଗ୍ରାସ୍ କାର୍ପର ବାର୍ଷିକୀୟା ଜାଆଁଳ (୫୦୦/ହେକ୍ଟର) ଛାଡ଼ନ୍ତୁ।
- ୨ ମିଟର ଗଭୀର ଜଳ ଥିବା ପୋଖରୀରେ ହେକ୍ଟର ପ୍ରତି ୩:୪:୩ ଅନୁପାତରେ ୫୦୦୦ ବର୍ଷିକିଆ ଜାଆଁଳ ଯଥା ୧୫୦୦ ଭାକୁର, ୨୦୦୦ ରୋହି / ଜୟନ୍ତି ରୋହି ଏବଂ ୧୫୦୦ ମିରିକାଳି ଛାଡ଼ନ୍ତୁ।
- ପ୍ରତି ୨ ମାସ ବ୍ୟବଧାନରେ ଜାଲ ବ୍ୟବହାର କରି ମାଛର ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ଅବସ୍ଥା ନିରୀକ୍ଷଣ କରନ୍ତୁ।
- ଗାଁରେ ଥିବା ଛୋଟ ଗାଡ଼ିଆ / ଅଗଭୀର ପୋଖରୀ ବ୍ୟବହାର କରି ମାଛ ଜାଆଁଳ ଉତ୍ପାଦନ କରନ୍ତୁ।

- ପାଣିର ତାପମାତ୍ରା ବୃଦ୍ଧି ପୋଖରୀ ତଳ ଭାଗରେ ଜମା ହୋଇଥିବା ଜୈବ ପଦାର୍ଥର ପଚନକୁ ତ୍ୱରାନ୍ୱିତ କରେ ଏବଂ ବିଷାକ୍ତ ଗ୍ୟାସ ନିର୍ଗତ ହୋଇଥାଏ। ଏହି ସମସ୍ୟା ଦୂର କରିବା ପାଇଁ, ଏକର ପ୍ରତି ୨୦ କିଲୋଗ୍ରାମ ଜିଓଲାଇଟ୍ ଗୋଟିଏ ବସ୍ତା ଶୁଖିଲା ବାଲି ସହିତ ମିଶ୍ରଣ କରି ପ୍ରୟୋଗ କରନ୍ତୁ।

**ପଶୁପାଳନ**

- ତାପମାତ୍ରା ଅଧିକ ରହୁଥିବାରୁ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗୃହପାଳିତ ପଶୁମାନଙ୍କୁ ବାହାରେ ଚରିବାକୁ ଛାଡ଼ନ୍ତୁ ନାହିଁ।
- ଗୋରୁମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଅନ୍ତୁ ଏବଂ ସେମାନଙ୍କ ଗୁହାଳକୁ ସଫା ରଖନ୍ତୁ।
- ନିୟମିତ ବ୍ୟବଧାନରେ ଟୀକାକରଣ କରନ୍ତୁ।
- ଆଜୋଲା ଚାଷ କରନ୍ତୁ ଏବଂ ଗୋରୁମାନଙ୍କ ଦୈନିକ ଖାଦ୍ୟରେ ୧-୧.୫ କିଲୋଗ୍ରାମ ଆଜୋଲା ଦେଇ ୨୦% ଖର୍ଚ୍ଚ ହ୍ରାସ କରିପାରିବେ ।
- ଲଗାତାର ବର୍ଷା ସମୟରେ ବାଡ଼ି ଅଗଣାରେ କୁକୁଡ଼ା ମାନଙ୍କୁ ଖୁଦ, ଧାନ, ଭାତ, ଆଜୋଲା ଇତ୍ୟାଦି ଖାଦ୍ୟ ଦିଅନ୍ତୁ।
- ଗୋଖାଦ୍ୟ ବାୟୁମଣ୍ଡଳରୁ ଜଳୀୟ ଅଂଶ ନେଇ ଏହାର ମାନ ହ୍ରାସ ପାଇଥାଏ ଏଥିପାଇଁ ପ୍ରତି ସପ୍ତାହରେ ଖାଦ୍ୟ ବସ୍ତାକୁ ଖରାରେ ଶୁଖାନ୍ତୁ ।
- ଗୋରୁ ଗୁହାଳକୁ ଫିନାଇଲ୍ (ପାଣି ସହିତ ୧:୨୦ ଅନୁପାତରେ ମିଶ୍ରଣ) ସହିତ ଧୋଇ ଦିଅନ୍ତୁ ଏବଂ ଗୁହାଳ ଚାରିପାଖରେ ବ୍ଲିଚିଂ ପାଉଡର ସିଞ୍ଚନ କରନ୍ତୁ।
- ବର୍ଷା ଋତୁରେ ଅଧିକ ଦୁଗ୍ଧ ଉତ୍ପାଦନ କରୁଥିବା ଗାଈମାନଙ୍କ ମଧ୍ୟରେ ସ୍ତନହରା ବା ମାଷ୍ଟାଇଟିସ୍ ଏକ ସାଧାରଣ ସମସ୍ୟା। ଗୋରୁ ଗୁହାଳକୁ ସଫା ଏବଂ ଶୁଖିଲା ରଖନ୍ତୁ। କ୍ଷୀର ଦୁହିଁବା ପୂର୍ବରୁ ଗାଈପନ୍ହାକୁ ସାବୁନ ପାଣିରେ ସଫା କରନ୍ତୁ। କ୍ଷୀର ଦୁହିଁବା ପରେ ପନ୍ହା ଉପରେ ମାଷ୍ଟିଲେପ୍ ମଲମ ଲଗାନ୍ତୁ।